ସମୟର ଝର୍କାରେ କବି ସଚ୍ଚି ରାଉତରାୟ

ଡକ୍ଟର ରଂଜିତା ନାୟକ

ନଦୀ ବା ପୁଷ୍କରିଣୀରେ କେବେହେଲେ ଉତ୍ତାଳ ଲହଡି ଉଠେ ନାହିଁ । ଲହଡି ଉଠେ ସମୁଦ୍ରରେ । କେବଳ ସମୁଦ୍ର ଗର୍ଜନ କରି ଚତୁର୍ଦ୍ଦିଗ ପ୍ରକମ୍ପିତ କରିପାରେ । ଆକାଶ ଓ ପୃଥିବୀର ଡାକକୁ ସେ କାନପାତି ଶୁଣେ । ସେମାନଙ୍କୁ କୋଳେଇ ନେବାର ସାମର୍ଥ୍ୟ କେବଳ ସମୁଦ୍ରର ଥାଏ । କାରଣ ସେ ସମୁଦ୍ର । ସୁତରାଂ ସମୁଦ୍ରକୁ ଚିହ୍ନିବାରେ ବା ଜାଣିବାରେ ଆଦୌ ବିଭ୍ରାନ୍ତି ଘଟେ ନାହିଁ । ସେହିଭଳି ଯେଉଁ କବି ମାଟିରେ ଠିଆ ହୋଇ ଆକାଶକୁ ଚାହିଁ ସ୍ପର୍ଦ୍ଧାର ସହିତ ଗାଇପାରେ:

''ମୁଁ ସଚ୍ଚି ରାଉତରା, ନୁହେଁ ଟାଗୋର ବା ସେଲି
ମୁଁ ଏଇ ମାଟିର ଧରା ଆଉ ଆକାଶର କବି
କାମ ନୁହେଁ ମୋ ଖାଲି ଆଙ୍କିବା କାଗଜର ଛବି
ପେଶାଦାର ଗାୟକ ମୁଁ ନୁହେଁ
ତୁମେ ମୋର ଛାପାବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି
ଏଇ ପୃଥିବୀର ସବୁ ମଣିଷ ଜାତି
ତା'ର ପ୍ରତିଟି ଖବର
ରୂପପାଏ କବିତାରେ ମୋର ।'' (ରାଜଜେମା)

ସେହି କାବ୍ୟପୁରୁଷ ତ କେବେହେଲେ ଅଚିହ୍ନା ହୋଇପାରେ ନାହିଁ । ଯେଉଁ କବିର ଆତ୍ମା ନିଜଠାରୁ ବାହାରିଯାଇ ନୂଆ ମଣିଷ ଦେହରେ ଖଞ୍ଜି ହୋଇଯାଇ ପାରେ, ସେତେବେଳେ ସେ ଆଉଜଣର ହୋଇ ରହେ ନାହିଁ । ସେ ହୋଇଯାଏ ଗଣର, ନୂଆ ମଣିଷର ଅର୍ଥାତ୍ ସାହିତ୍ୟ ଭିତରକୁ ଗତାଗତ ନଥିବା କୁଲି, ମଜୁରିଆ ଓ ମେହେନତୀ ମଣିଷମାନଙ୍କର । ସେ ହିଁ କେବଳ ପୀଡିତମାନବର ଛବି ଅଙ୍କନ କରିପାରେ । ସର୍ବହରା ଶୋଷିତ ଶ୍ରେଣୀକୁ ଜାଗ୍ରତ କରିବା ପାଇଁ ସେ ହିଁ କେବଳ ବିପ୍ଳବର ପଞ୍ଚଜନ୍ୟ ବଜାଇପାରେ । କଳାର କୋଣାର୍କ ଭିତରେ ଯନ୍ତ୍ରଣାର ଶିଳାଲେଖକୁ ସେ ହିଁ ପଢି ଖେଦାକ୍ତ କଣ୍ଠରେ ଉଚ୍ଚାରଣ କରିପାରେ– ''କିଛି ତ କହିନି କଥା, କହିବାର ଯାହା ଥିଲା ।''

ଆଧୁନିକ କବିତାର ଉତ୍ତରଣ ପର୍ବରେ ଅନେକରେ ଏକ ହୋଇ ବାରିହୋଇ ପଡନ୍ତି କବି ସଚ୍ଚିଦାନନ୍ଦ ରାଉତରାୟ । କେମିତି ଅଲଗା ଲାଗେ ତାଙ୍କ ସ୍ୱର । ପାଠକ ମୁହଁଟେକି ଚାହେଁ, କିଏ ଆସୁଛି । ବୈପ୍ଳବିକ ଚିତ୍ତବୃତ୍ତି ଓ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀର ସ୍ୱାକ୍ଷର ନେଇ ଆତ୍ମପ୍ରକାଶ କରେ 'ବାଜି ରାଉତ', 'ପଲ୍ଲିଶ୍ରୀ', 'ଭାନୁମତୀର ଦେଶ', 'ପାଣ୍ଡୁଲିପି', 'ସ୍ୱଗତ', 'ଅଭିଜ୍ଞାନ', 'ପାଥେୟ', 'ହସନ୍ତ', 'କବିତା ୧୯୬୨' ଆଦି କାବ୍ୟ ସଂକଳନ ।

ମାର୍କସ୍‌ଙ୍କ ସାମ୍ୟବାଦୀ ଦର୍ଶନ ଓ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଦେଶର ମୁକ୍ତିସଂଗ୍ରାମଜନିତ ବୈପ୍ଳବିକ ଚିନ୍ତାଧାରା ତଥା ଯୁଗଚେତନାର ଯନ୍ତ୍ରଣାବୋଧ ସଫଳ ଶିଳ୍ପ ରୂପନିଏ ଏସବୁରେ । ଆଙ୍ଗିକ ଓ ଆତ୍ମିକ ଉଭୟ ଦିଗରେ ଏକ ନୂତନ କ୍ରାନ୍ତିକାରୀ ଶିଳ୍ପକଳାର ଭିତ୍ତିସ୍ଥାପିତ ହୁଏ, ଯାହା ଏଯାବତ୍ ଦିଗ୍‌ବାରେଣୀ ଭାବେ ଓଡ଼ିଆ କାବ୍ୟଜଗତକୁ ନିୟନ୍ତ୍ରିତ କରିଆସୁଛି।

କବି ରାଉତରାୟଙ୍କ କାବ୍ୟଜଗତ 'ପଲ୍ଲିଶ୍ରୀ'ରୁ 'ବାଜିରାଉତ', 'ପାଣ୍ଡୁଲିପି' ହେଉ ଏଯାବତ୍ ପରିବ୍ୟାପ୍ତ । ଦୀର୍ଘ ସାତ ଦଶନ୍ଧି ଧରି ଏକ ସୁବିସ୍ତୃତ ପଟ୍ଟଭୂମି ଉପରେ କାବ୍ୟ ପୁରୁଷର ପଦଯାତ୍ରା । କେତେ କଠିନ ସତେ ଏ ଯାତ୍ରା । କେତେବେଳେ ବଣଜଙ୍ଗଲର ଅନ୍ଧାରୁଆ ଅମଡା ବାଟ ତ କେତେବେଳେ ମରୁଭୂମିର ତତଲା ବାଲି ପୁଣି କେତେବେଳେ ଶସ୍ୟଶ୍ୟାମଳା ସମତଳ ଭୂଇଁ । କେତେବେଳେ ଝଡତୋଫାନର ମୁହାଁମୁହିଁ ତ କେତେବେଳେ ଝାଞ୍ଜିପବନର ଚାଇଁ ଆଉ କେତେବେଳେ ମୃଦୁମଳୟର କାଉଁରୀ ସ୍ପର୍ଶ । ପଥଧାରର କେତେ ଦୃଶ୍ୟ କେତେ ଘଟଣା ବେଦନାସି

ପରି ଛନ୍ଦିହୋଇ ଯାଇଛି କାବ୍ୟ ପୁରୁଷର ମନରେ । ଲତାଟିକୁ ପବନ କେତେ ବାଗରେ ହଲେଇଲା ପରି ସମୟ ଓ ଘଟଣା ଭିନ୍ନ ଭିନ୍ନ ଭାବରେ ଚହଲେଇ ଦେଇଛି ପ୍ରାଣକୁ । ସ୍ରଷ୍ଟା ମାନସରେ ବିବିଧ ଭାବର ଅପୂର୍ବ ଆଲୋଡନ । କାବ୍ୟ ପୁରୁଷ କଣ୍ଠରେ ରାଗରାଗିଣୀ ରଞ୍ଜିତ ବିବିଧ ସ୍ୱର, ଯାହାର ମୂଳମନ୍ତ୍ର ମାନବବାଦ ।

'ପାଥେୟ' କାବ୍ୟଜଗତରେ କବିଙ୍କର ପ୍ରଥମ ଶିଳାନ୍ୟାସ ଓ ପରବର୍ତ୍ତୀ ପଥ ପାଇଁ ମାର୍ମିକ ମନ୍ତ୍ର ଉଚ୍ଚାରଣ । ରୋମାଣ୍ଟିକ୍ ରସଚେତନାରେ ଉଦ୍‌ବୁଦ୍ଧ କାବ୍ୟପୁରୁଷ ଗାଇଉଠିଛି–

''ଆଜି ହେମନ୍ତର ସ୍ୱର୍ଣ୍ଣ ସନ୍ଧ୍ୟା ଆସିଛି ଗଗନ ଛାଇ
ଗୋଷ୍ଠେ ଫେରଇ କ୍ଳାନ୍ତ ଗୋପାଳ ମଧୁର ମୁରଲୀ ବାଇ ।
ଆକାଶେ ଭାସଇ ସନ୍ଧ୍ୟାରାଣୀର ନବୀନ ଜୋଛନା ହାସ
ଅନିଳ ବହଇ ଅଙ୍ଗେ ଭରି ଯେ ହେନା ବକୁଳର ବାସ
ମଳିନ ମେଘର ତରଣୀ ବାହି ସେ ନୀଳ ଆକାଶ ତୀରେ
କିଏ ସେ ଫେରଇ କେଉଁ ଦୂରଦେଶେ କାହା ଅଭିସାର ଧୀରେ ?''

(ପାଥେୟ, ୩୪ ସନେଟ୍)

ଆକାଶର ମେଘ, ଜହ୍ନର ହସ, ବଉଳର ମହମହ ବାସ ଆଦି ପ୍ରକୃତିର ବିବିଧ ବିଭାବ ସହିତ କବି ଆତ୍ମା ଏକୀଭୂତ ହୋଇଉଠିଛି । ସବୁଜ ଯୁଗର ସ୍ୱପ୍ନ ବିଳାସୀ ମନ ନେଇ କାବ୍ୟପୁରୁଷ କଳ୍ପଲୋକରେ ବିଚରଣ କରିଛି । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନ କରି ପ୍ରକୃତି ଭିତରେ ଅନନ୍ତ, ଅବ୍ୟକ୍ତ ସତ୍ତାର ସନ୍ଧାନ କରିଛନ୍ତି ଏବଂ ନୈସର୍ଗିକ ଭାବବଳୟ ଭିତରେ ସେ ଉବୁଟୁବୁ ହୋଇଛନ୍ତି । ମାତ୍ର କବି ସଚ୍ଚି ରାଉତରାୟଙ୍କ ଲେଖନୀ ମୁନରେ ପ୍ରକୃତି ନିଜ ଭାବ ବିଳାସର ଭୂମି ହୋଇଛି । ସୀମିତ ପରିସର ଭିତରେ ପ୍ରକୃତି ଆତଯାତ ହୋଇଛି ।

ରୋମାଣ୍ଟିକ୍ ଚେତନା ଓ ବାସ୍ତବବାଦୀ ଚେତନାର ଫେଣ୍ଟାଫେଣ୍ଟି ଭାବ 'ପଲ୍ଲିଶ୍ରୀ'ରେ ଉତ୍‌କୀର୍ଣ୍ଣ । ଏହାର ପୃଷ୍ଠଭୂମି ପଲ୍ଲୀ ହେଲେ ମଧ ପାରମ୍ପରିକ ରୂପବ୍ୟତୀତ ପଲ୍ଲୀ ଜୀବନର ଏକ ନୂତନ ରୂପ ଏଥିରେ ପ୍ରକଟିତ । ପଲ୍ଲୀକବି ନନ୍ଦକିଶୋର ପଲ୍ଲୀର ଶାନ୍ତସୁନ୍ଦର କମନୀୟ ଚିତ୍ର ପ୍ରଦାନ କରିଥିବା ବେଳେ ପଲ୍ଲୀ ଜୀବନର ଜଟିଳତା ଓ ଅବକ୍ଷୟ ଦିଗ କବି ରାଉତରାୟଙ୍କ ତୀକ୍ଷ୍ଣ ଦୃଷ୍ଟିରୁ ବାଦ୍ ଯାଉନି । ଅଲିଭର୍ ଗୋଲ୍‌ଡସ୍ମିଥ୍ ତାଙ୍କ କବିତା ଗ୍ରନ୍ଥରେ ଶିଳ୍ପ ସଭ୍ୟତାର ବିକାଶକୁ ପଲ୍ଲୀ ପ୍ରକୃତି ତଥା ପଲ୍ଲୀ ଜୀବନର ଅବକ୍ଷୟର କାରଣ ରୂପେ ଗ୍ରହଣ କରିଥିବା ପରି କବି ସଚ୍ଚି ରାଉତରାୟ ଜମିଦାର ଓ ସାମ୍ରାଜ୍ୟବାଦୀ ଶାସନକୁ ସରସ ପଲ୍ଲୀ ଜୀବନର ପାଂଶୁଳତାର କାରଣ ବୋଲି ବୟାନ କରିଛନ୍ତି । କବିଙ୍କ ଭାଷାରେ – ''ଓଡ଼ିଶାର ପଲ୍ଲୀ ଜୀବନର ସୌନ୍ଦର୍ଯ୍ୟ, ସ୍ୱବିରୋଧ ଓ ବ୍ୟକ୍ତିତ୍ୱବୋଧକୁ ନେଇ 'ପଲ୍ଲିଶ୍ରୀ' ରଚିତ ।''

କବି ପଲ୍ଲୀକୁ ପ୍ରାଣଭରି ଭଲ ପାଇଛନ୍ତି । ଏପରିକି ପଲ୍ଲୀର ଆଲୁଅ ଓ ଅନ୍ଧାର କବିଙ୍କୁ ନୂତନ ଜୀବନର ସନ୍ଧାନ ଦେଇଛି ।

''ଆଲୁଅ ତାର କି ମନୋହର
ଅନ୍ଧକାର ତା'ଠାରୁ ଭଲ
ଜୀବନପଥେ ସକଳତାର
ଫିଟାଏ ନୂଆ ରାହାଟି
ଛୋଟ ମୋର ଗାଆଁଟି ।''

ପଲ୍ଲୀର ତୋଟାମାଳ, ନଦୀ, ପୁଷ୍କରିଣୀ, ଧୂଳିମାଟିର ଗାଁ ଦାଣ୍ଡ, ପଲ୍ଲୀବଧୂର ଅଳସ ଚାଲି, ଗୋଷ୍ଠବାହୁଡା ଧେନୁପଲର ଦୃଶ୍ୟ, ପଲ୍ଲୀର ସଞ୍ଜ, ସକାଳ ସବୁକିଛି କବି ଦୃଷ୍ଟିରେ ସ୍ୱପ୍ନପୁରୀର ମାୟାଞ୍ଜନ ବୋଳି ଦେଇଛି । ଏପରିକି ଗାଁ ମୁଣ୍ଡର ପରିତ୍ୟକ୍ତ ଶ୍ମଶାନ ପାଦରେ କବି ପ୍ରଣତି ବାଢିଛନ୍ତି । ଶ୍ମଶାନ ହିଁ ଗ୍ରାମର ଶେଷ ପରିଣତି । ସେ ପ୍ରଶାନ୍ତ, ଉଦାର ଓ ମହାନ । ତା'ର ମାନ, ଅଭିମାନ ନାହିଁ, ଅହଙ୍କାର ନାହିଁ । ସେହି ଶ୍ମଶାନ କବି ଦୃଷ୍ଟିରେ ପବିତ୍ର ସ୍ଥାନ, ପୁଣ୍ୟଭୂମି । ଦୃଷ୍ଟିଶକ୍ତି ଦିଗ୍‌ବଳୟକୁ ଅତିକ୍ରମି ନ ପାରିଲେ ପ୍ରାଣରେ ଏପରି ଚିନ୍ତାଧାରାର ଉଦ୍ରେକ ଘଟିବା ଏକାନ୍ତ ଅସମ୍ଭବ ।

ପଲ୍ଲୀର ବାହ୍ୟଦୃଶ୍ୟ ସହିତ ସାମାଜିକ ଜୀବନର ବିପର୍ଯ୍ୟୟ, ଦୁଃଖ, ଯନ୍ତ୍ରଣା, ହସଖୁସି ଓ ଧର୍ମବିଶ୍ୱାସ ଆଦି ସାଧାରଣ ଜନତାଙ୍କ ଜୀବନଚିତ୍ର ଅତ୍ୟନ୍ତ କଳାକୁଶଳତାର ସହ ସେ ଅଙ୍କନ କରିଛନ୍ତି । 'ଜମିଦାରଙ୍କ ଷଣ୍ଢ', 'ଛୋଟ ମୋର ଗାଆଁଟି', 'ରେଙ୍ଗୁନ୍ ଯାତ୍ରୀ' ଆଦି କବିତାରେ ଜନତାର ଦାରିଦ୍ର୍ୟଜନିତ ଦୁଃଖ, ହାତାଶା ଓ ନୈରାଶ୍ୟ ଭାବ ପ୍ରକଟିତ । ଏତେ ଯନ୍ତ୍ରଣା ଭିତରେ ମଣିଷ ମନରେ ତଥାପି ଜୁଳୁଜୁଳୁ ହୋଇ ଜଳୁଚି ତା'ର ଧର୍ମବିଶ୍ୱାସ, ତା'ର ମାନବିକତା । ଜମିଦାରଙ୍କ ଷଣ୍ଢ ଗରିବ ଚାଷୀର ସମସ୍ତ ସ୍ୱପ୍ନକୁ ଉଜାଡି ଦେଇଥିଲେ ମଧ ସେ ତାକୁ ବାଡି ଉଞ୍ଚାଇ ନାହିଁ, ବରଂ ସବୁ ଦୁଃଖକୁ ନିଜର ଭାଗ୍ୟ ବୋଲି ଧରିନେଇ ସାନ୍ତ୍ୱନା ପାଇଛି । କେବଳ ସାମାଜିକ ନୀତିନିୟମ, ବ୍ୟାଧି ବୈଷମ୍ୟ ନୁହେଁ, ମଣିଷର ମନସ୍ତତ୍ତ୍ୱକୁ ମଧ ସେ ଅଧ୍ୟୟନ କରିଛନ୍ତି । 'ବାପା ବାପା ପକାଇଲା ହୁରି' କବିତାଟି ଏହାର ଏକ ସୁନ୍ଦର ଉଦାହରଣ । 'ପହିଲି ରଜ',

'ଶିବପୂଜା', 'ମୁଁ ତ ଭ୍ରଥ ନାହାକ ଝୁଅ', 'ଭୂତଛଡା' ଆଦି କବିତାଗୁଡିକ ପଲ୍ଲୀ ଜୀବନର ବହୁମୁଖୀ ଦିଗୁ ଉନ୍ମୋଚିତ କରିଛି । ସର୍ବୋପରି କବି ପଲ୍ଲୀର ଜୀବନନାଟିକା ସହିତ ଜଡିତ ହୋ ତାର ନିଃସର୍ଗ ଆତ୍ମାକୁ ଚିହ୍ନି ଚିହ୍ନାଇବାର ଯେଉଁ ପ୍ରୟାସ କରିଛନ୍ତି, ତାହା ବାସ୍ତବିକ୍ ହୃଦ୍ୟ । ପରେ ପରେ କବି ରାଉତରାୟଙ୍କ କାବ୍ୟସ୍ୱରରେ ଯେଉଁ ବିପ୍ଳବୀର ପରିବର୍ତ୍ତନ ସଙ୍ଗଠିତ ହୋଇଛି ତାହା 'ପଲ୍ଲିଶ୍ରୀ'ର ପୃଷ୍ଠପୀଠିକା ଉପରେ ଆଧାରିତ ବୋଲି କୁହାଯାଇପାରେ ।

ଗୋଟିଏ ସମୟର ରାଜନୀତି ତତ୍କାଳୀନ ସମାଜକୁ ନିୟନ୍ତ୍ରିତ କରିଥାଏ । ଏହି ଦୃଷ୍ଟିରୁ ୧୯୩୫-୩୬ ମସିହାର ସାମ୍ୟବାଦୀ ଚେତନା ଭାରତର ରାଜନୀତି ତଥା ସମାଜରେ ଏକ ଆଲୋଡନ ସୃଷ୍ଟି କରିଛି । ସାହିତ୍ୟ ରାଜ୍ୟରେ ପ୍ରଗତିଶୀଳ ଆନ୍ଦୋଳନ ପ୍ରବର୍ତ୍ତନ କରିବାର ଆଭିମୁଖ୍ୟ ନେଇ ଗଠିତ ହୋଇଛି । 'ନବଯୁଗ ସାହିତ୍ୟ ସଂସଦ' । ଏହାର ମୁଖପତ୍ର 'ଆଧୁନିକ' ପ୍ରକାଶ ପାଇବା ପରେ ସାହିତ୍ୟ କ୍ଷେତ୍ରରେ ଓ ଜନଜୀବନରେ ମଧ୍ୟ ଏକ ନବ ଚେତନାର ସ୍ରୋତ ଉପଲବ୍ଧ ହେଲା । 'ଆଧୁନିକ' ବିପ୍ଳବର ତୂର୍ଯ୍ୟନାଦ କଲା । ' କଳା ପାଇଁ କଳା' ନୁହେଁ, 'ଜୀବନ ପାଇଁ କଳା'ର ସେ ସ୍ଲୋଗାନ ଦେଲା ଏବଂ ଏହି ଉଦ୍ଦେଶ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ସେ ସତତ ଚେଷ୍ଟିତ ହେଲା ।

ଗଣ ଅଭିମୁଖୀ ଅନୁଚିନ୍ତା ହେଲା ପ୍ରଗତିଶୀଳ ସାହିତ୍ୟର ମୁଖ୍ୟସ୍ୱର । ସେଥିପାଇଁ ସାହିତ୍ୟ ଦରବାରକୁ ପୂର୍ବରୁ ପ୍ରବେଶ କରିନଥିବା ଖଟିଖିଆ ଦିନ ମଜୁରିଆ, ସର୍ବହରା ଗୋଷ୍ଠୀ ଓ ସାଧାରଣ ଜନତା କ୍ରମେ ନିଜର ସ୍ଥିତି ଓ ଅଧିକାର ସମ୍ପର୍କରେ ସଚେତନ ହେଲେ । ଏହି ପ୍ରଗତିଶୀଳ ଚିନ୍ତାଧାରା ବିରୋଧରେ ପାରମ୍ପରିକ ସମାଜର ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଯେଉଁ ପ୍ରତିକ୍ରିୟା ସୃଷ୍ଟିକଲା, ତାର ପ୍ରତିବାଦ କଲା ପ୍ରଗତିଶୀଳ ସାହିତ୍ୟ । ପ୍ରଗତିବାଦୀ ଲେଖକ ମନରେ ସାମ୍ୟବାଦୀ ଆନ୍ଦୋଳନ ନୂତନ ଉତ୍ତେଜନା ସୃଷ୍ଟିକଲା । ମଣିଷ ପ୍ରତି ଅକୃତ୍ରିମ ଭଲପାଇବା ହେତୁ ସର୍ବହରା ଓ ଶୋଷିତ ଶ୍ରେଣୀକୁ ଜାଗ୍ରତ କରିବା ପାଇଁ ସେମାନେ ବିପ୍ଳବର ବାଣୀ ଶୁଣାଇଲେ ।

କବି ସଚ୍ଚିଦାନନ୍ଦ ରାଉତରାୟ ମାନବବାଦୀ ଶିଳ୍ପୀ, ମଣିଷର ଲୁହ ଲହୁଭରା ଜୀବନର କଥା କହୁଥିବା ଦରଦୀ କବି । ଏଇ ଧୂଳି ଧୂସରିତ ଧରଣୀର ଖଟିଖିଆ, ମଜୁରିଆ ସର୍ବହରା ଗୋଷ୍ଠୀକୁ ସେ ପ୍ରାଣଭରି ଭଲ ପାଇଛନ୍ତି, ସେମାନଙ୍କ ସହିତ ଏକାତ୍ମ ହୋଇଛନ୍ତି । ସେମାନଙ୍କ ଦୁଃଖ ଯନ୍ତ୍ରଣାକୁ ନିଜେ ଅନୁଭବ କରିଛନ୍ତି । ସୁତରାଂ ତାଙ୍କ କାବ୍ୟମାନସ ସପନର ନୀଳ ଢେଉରେ ଭାସି ଭାସି ବାସ୍ତବତା ଠାରୁ ଦୂରେଇ ଯାଇନାହିଁ, ବରଂ ବାସ୍ତବତାର ମୁହାଁମୁହିଁ ହେବା ପରେ ସେ ପସନ୍ଦ କରିଛନ୍ତି । ସେଥିପାଇଁ ପଳାୟନପନ୍ଥୀ ସବୁଜଗୋଷ୍ଠୀକୁ ସମ୍ବୋଧନ କରି ସେ କହନ୍ତି-

''ଆରେ ଆରେ ପଳାୟନପନ୍ଥୀ
ପଳାଇବାକୁ ଆଜି କାହିଁ ଛିନ୍ନକରି ଏ ଧରଣୀ ଗ୍ରନ୍ଥି ?
ଲୁଚିବୁ ବା କାହିଁ ?
ମୃତ୍ତିକାର ଏତେ ଦାବି ପାରିବୁକି ଆଜି ତୁ କଟାଇ !
କାହିଁ ଭୀରୁ ନେବୁରେ ଆଶ୍ରୟ
ତୋର ସେହି କୁଞ୍ଜବନ ଦେଇକିରେ ପାରିବ ଅଭୟ ?

(ବାଜି ରାଉତ)

'ଜନସାଧାରଣଙ୍କ ସାହିତ୍ୟ' ପ୍ରବନ୍ଧରେ କବି ପ୍ରକାଶ କରିଛନ୍ତି ଭାବ ପ୍ରବଣତା ଓ ମଧ୍ୟମଶ୍ରେଣୀ ସୁଲଭ ପ୍ରବଣତାର ତାଡନାରେ ବର୍ତ୍ତମାନ ଲେଖକମାନେ ସାହିତ୍ୟ ସୃଷ୍ଟି କରୁଥିବାରୁ ସାହିତ୍ୟ ବାସ୍ତବ ଜୀବନଠାରୁ ସାମଞ୍ଜସ୍ୟ ହରାଇଛି । ଜୀବନ ସଂଗ୍ରାମର ସମ୍ମୁଖୀନ ହେବା ପାଇଁ ଯେଉଁ ସାହସ ଦରକାର, ତା' ଏ ସାହିତ୍ୟରେ ନାହିଁ । ଏହା ପଳାୟନତତ୍ପର ଭୀରୁ ସାହିତ୍ୟ । ସାହିତ୍ୟ ସମସାମୟିକ ଆର୍ଥନୀତିକ ଅବସ୍ଥା ଦ୍ୱାରା ନିର୍ଣ୍ଣିତ ହେବାକୁ ବାଧ୍ୟ । କାରଣ ଅନ୍ୟାନ୍ୟ ଜିନିଷ ପରି ସାହିତ୍ୟ ମଧ୍ୟ ଆର୍ଥନୀତିକ ଶକ୍ତିର ସମନ୍ୱୟରୁ ଉଦ୍‌ଭବ । ବର୍ତ୍ତମାନ ଗୋଟିଏ ଆଡେ ଉତ୍ପାଦକ ଶ୍ରେଣୀ ଓ ଅନ୍ୟ ଆଡେ ଶୋଷକ ବୁର୍ଜୁଆଗଣ । ଏହି ଶ୍ରେଣୀୟ ସଂଘର୍ଷ ଆର୍ଥନୀତିକ ଜଗତରେ ଯେପରି ସତ୍ୟ, ଚିନ୍ତାଜଗତରେ ମଧ୍ୟ ସେହିପରି ସତ୍ୟ । ସାହିତ୍ୟ ଏହି ଶ୍ରେଣୀୟ ସଂଘର୍ଷରେ ଯଦି ଜନସାଧାରଣଙ୍କୁ ସାହାଯ୍ୟ ନକରେ, ତେବ ତାହାର କୌଣସି ମୂଲ୍ୟ ନାହିଁ । ସେଥିପାଇଁ ଜନସାଧାରଣଙ୍କ ସାହିତ୍ୟ ପୂର୍ଣ୍ଣଭାବରେ ହେବ- (ସହକାର, ଜୁଲାଇ ୧୯୩୭)

କବି ରାଉତରାୟଙ୍କ ଏହି ଚିନ୍ତାଧାରାର ପରିପ୍ରକାଶ ଘଟିଛି 'ମାଟିର ପତଙ୍ଗ', 'ଖାଦ୍ୟ', 'ସହରତଳିର ଉଷା' ଆଦି ଅନେକ କବିତାରେ । ଦୀନ ଦରିଦ୍ର ଅବହେଳିତ ଜନସାଧାରଣ କବି ଦୃଷ୍ଟିରେ ମାଟିର ପତଙ୍ଗ ପରି ଅଛି ନାହିଁର ଜୀବନ । ସର୍ବଦା ଦୁର୍ବଳ ଉପରେ ସବଳର ଅତ୍ୟାଚାର । ଏହି ନିଷ୍ପେସିତ ଜନସାଧାରଣ ତାର ମୌଳିକ ଚାହିଦା ମେଣ୍ଟାଇବା ପାଇଁ ଅକ୍ଷମ, ଅଥଚ ଶୋଷକ ଗୋଷ୍ଠୀ ଏମାନଙ୍କର ସମସ୍ତ ସୁଖସ୍ୱପ୍ନ ଉଜାଡି ରକ୍ତଶୋଷଣ କରିବାକୁ ପଶ୍ଚାତ୍‌ପଦ ହୁଏନା । ହେଲେ କବି ଜାଣନ୍ତି ସବୁଦିନେ

ଏ ଅମା ଅନ୍ଧକାର ରହିବ ନାହିଁ । ଦିନେ ନା ଦିନେ ଅପସରି ଯିବ । ନୂତନ ସୂର୍ଯ୍ୟୋଦୟ ଘଟିବ ହିଁ ଘଟିବ । ଖଟିଖିଆ ଶ୍ରମିକଗୋଷ୍ଠୀର ଜୟ ହେବ । ସେହି ନୂତନ ସୂର୍ଯ୍ୟ ପାଇଁ ସହରତଳିର ମଣିଷ ପ୍ରତୀକ୍ଷା କରେ । ପ୍ରଭାତର ଅରୁଣିମା ବା ସଂଜର ଜହ୍ନ ଆଲୁଅ ପାଇଁ ସେ ସତୃଷ୍ଣ ନୟନରେ ଚାହିଁ ରହେ । ହେଲେ ସେସବୁ ଯେ ଧନିକଗୋଷ୍ଠୀ ପାଇଁ ଉଦ୍ଦିଷ୍ଟ ! ସାଧାରଣ ଜନତା ତାକୁ ଉପଭୋଗ କରିପାରେ ନାହିଁ । ତା ଜୀବନରେ ସ୍ୱପ୍ନ ସୁଦୂର ପରାହତ । ଏହି ଆର୍ଥନୀତିକ ବିରୋଧାଭାସ ଉପରେ ପ୍ରତିଷ୍ଠିତ ସମାଜକୁ ସନ୍ଦର୍ଶନ କରି କାବ୍ୟପୁରୁଷ ମର୍ମାହତ । ସେଥିପାଇଁ ଜଗତର ଧୂଳି ଧୂସର ପଥପ୍ରାନ୍ତରେ ଜୀବନର ସାମସଙ୍ଗୀତ ଗାଇବାକୁ ଆଗେଇ ଆଣିଛନ୍ତି କବି । ବୈଷମ୍ୟ ଓ ବିଭେଦର ପ୍ରାଚୀରକୁ ଭାଙ୍ଗିଦେବା ଉଦ୍ଦେଶ୍ୟରେ ସମଗ୍ର ପୃଥିବୀର ଶ୍ରମିକ ସର୍ବହରାଗୋଷ୍ଠୀକୁ ଏକଜୁଟ ହେବା ପାଇଁ କାବ୍ୟପୁରୁଷ ଆହ୍ୱାନ କରି କହିଛି–

''ପୃଥିବୀରେ ସର୍ବତ୍ର ତୁମେ ରହିଛ
ତୁମରି ସତ୍ତା ସବୁ ଦେଶ,
ସବୁ ଭୌଗୋଳିକ ସୀମାର ବାହାରେ ପରିବ୍ୟାପ୍ତ
ହେ ପୃଥିବୀର ସର୍ବହରା ଶ୍ରମିକ ! ଏକଜୁଟ ହୁଅ
ହେ ଆହତ ଆତ୍ମା ! ସଚେତ ହୁଅ
ତୁମର ଶ୍ରେଣୀ ଚେତନା ତୁମକୁ ଅପେକ୍ଷା କରିଛି ।''
(ମୂଲିଆଭାଇ)

ମଣିଷକୁ ନିବିଡଭାବେ ଭଲପାଇଥିବା ହେତୁ ସମଗ୍ର ପୃଥିବୀ ସମ୍ମୁଖରେ ପୀଡିତମାନଙ୍କର ଛବିକୁ ଦର୍ଶାଇବାକୁ ସେ ଉଦ୍‌ଗ୍ରୀବ ହୋଇଛନ୍ତି । ସେହି ଉତ୍କଣ୍ଠାରୁ ପୀଡିତପ୍ରାଣର ଜୈତ୍ରଗାଥା ଗାଇ ସୃଷ୍ଟି ହୋଇଛି ସର୍ବହରା, ଭାତ, ଫାଶିକାଠ, କାରାଗାର, ହାତୁଡି, ମୂଲିଆଭାଇ, ଜୀବନର ପଥେ, ବନ୍ଦୀ, କୋଣାର୍କ ଆଦି କବିତାସମୂହ । ମଣିଷଗଢା ନିୟମ ବେଦୀରେ ମଣିଷ ବଳି ପଡୁଥିବା ବେଳେ କୋଣାର୍କର କଳାର ଫସଲ ତାକୁ ଆକୃଷ୍ଟ କରି ପାରିନାହିଁ । ସେଠି ସାଧାରଣ ଜୀବନର ଅନୁପସ୍ଥିତିକୁ କାବ୍ୟପୁରୁଷ ମର୍ମେ ମର୍ମେ ଅନୁଭବ କରିଛି । ସେଠି ଅଶ୍ରୁ ନାହିଁ କି ସ୍ୱେଦ ନାହିଁ। ଅହରହ ସଂଗ୍ରାମରତ ଶିଳ୍ପୀର ଜୀବନବେଦ ସେଠି ଉଚ୍ଚାରିତ ହୋଇନାହିଁ କି ନିଷ୍ଠୁର ବାସ୍ତବତାର ରୁକ୍ଷ କର୍କଶ ରୂପ ସେଠି ଅଙ୍କିତ ହୋଇନାହିଁ । ସେଠି ଅଛି ଖିଆଲି ମନର ଅସରନ୍ତି ସ୍ୱପ୍ନ । ସେଥିପାଇଁ କଳାର କୋଣାର୍କ ତାଙ୍କୁ ଶ୍ମଶାନ ପରି ପ୍ରତୀୟମାନ ହୋଇଛି । ଅସରନ୍ତି ଦୁଃଖ, ଅପମାନ ଓ ନୈରାଶ୍ୟରେ ଭାଙ୍ଗିପଡିଛି ମନ । ଆହତ ଆତ୍ମା ପ୍ରକାଶ କରିଛି–

''ଅମର ହୋଇବ କାଳର କବଳେ
ଯେଣୁ ଜଣକର ନାମ
ଲକ୍ଷବେନାମୀ ଜୀବନରେ ତେଣୁ
ଗଢାହେଲା ଶମଶାନ ।(କୋଣାର୍କ)

କାବ୍ୟପୁରୁଷର ଏ ସ୍ୱର ବେଶ୍ ପ୍ରାଞ୍ଜଳ, ଶକ୍ତିଶାଳୀ ଓ ଉଦ୍ଦେଶ୍ୟମୂଳକ । ତଥାକଥିତ ଧର୍ମବ୍ୟବସ୍ଥାକୁ କବି ବିଦ୍ରୂପ କରିଛନ୍ତି । ତାହା ଥିଲାବାଲାଙ୍କର ଏକ ମୁଖା । ଧର୍ମର ମଦ ଖୁଆଇ ଯୁଗଯୁଗ ଧରି ନିଃସ୍ୱ ନିଦରଣୀ ମଣିଷକୁ ଧନିକ ଶୋଷଣ କରେ । ନିର୍ଦ୍ଧନର ଜୀବନଫୁଲ ଧୂଳି ଧୂସରିତ ହୋଇ ଭୂଇଁରେ ଲୋଟେ । ସରଳ ନିଷ୍କପଟ ନିଦରବୀ ଜନତା ତାହାକୁ ତାର ଭାଗ୍ୟ ବୋଲି ବିଶ୍ୱାସ କରେ । ଭଗବାନଙ୍କୁ ଭରସା କରି ସବୁ ଅତ୍ୟାଚାର ସେ ମୁଣ୍ଡପାତି ସହିଯାଏ । ସହିବା ବ୍ୟତୀତ ତାର ଅନ୍ୟଗତି ହିଁ ନଥାଏ । ସେଥିପାଇଁ ପୁଞ୍ଜିପତି ଓ ଭଗବାନଙ୍କ ବିରୋଧରେ ବିଦ୍ରୋହ କରି ଉଠିଛି କବି ଆତ୍ମା–

''ଚୁରିବାକୁ ହେଲେ ଧନୀର ବି ଧନ
ରକ୍ତ ତୁମର ଲୋଡା ଭଗବାନ
ତମରି କବର ଧନୀର କବର
ମରଣ ତମର ଚାହିଁ
ଭଗବାନ ଅଛ କାହିଁ ?''

ଶ୍ରେଣୀହୀନ ସମାଜ ଗଠନ କରିବାକୁ ହେଲେ ଭାଗ୍ୟ, ଧର୍ମ ଓ ଭଗବତ ବିଶ୍ୱାସକୁ ସମ୍ପୂର୍ଣ୍ଣରୂପେ ଅସ୍ୱୀକାର କରିବାକୁ ହେବ– ଏହା ଉତ୍ତମରୂପେ ବୁଝିଥିଲେ କବି । ଏହା ବ୍ୟତୀତ ସମାଜର ଅର୍ଥନୈତିକ ବ୍ୟବସ୍ଥା ଯାହା ଜଣକୁ ଧନୀ ଓ ଅନ୍ୟ ଜଣକୁ ନିର୍ଦ୍ଧନ ବୋଲି ମଣିଷ ଦେହରେ ଛାପାମାରେ, ଯାହା ସମସ୍ତ ସାମାଜିକ ବିଶୃଙ୍ଖଳାର ମୂଳହେତୁ, ସେହି ବ୍ୟବସ୍ଥାକୁ ଭାଙ୍ଗିରୁଜି ଦେବା ପାଇଁ କାବ୍ୟ ପୁରୁଷ ଆହ୍ୱାନ କରିଛି ।

'ବାଜିରାଉତ' କାବ୍ୟ ହିଁ କବିଙ୍କ ବୈପ୍ଳବିକ ଚିନ୍ତାର ଶ୍ରେଷ୍ଠ ନିଦର୍ଶନ । ଢେଙ୍କାନାଳ ନୀଳକଣ୍ଠପୁରର ବାରବର୍ଷର ବାଳୁତ ବାଜିରାଉତ, ଇଂରେଜ ଫଉଜଙ୍କ ଗୁଳିଚୋଟରେ ମୃତ । କଟକର ଖାନନଗର ମଶାଣିରେ ଜଳି ଉଠିଛି ତା'ର ଜୁଇ । ସେହି ଜୁଇ ନିକଟରେ ଦଣ୍ଡାୟମାନ କବିଙ୍କ ମନରେ ଅନେକ ଭାବାନ୍ତର । ଲହଲହ ଅଗ୍ନିଶିଖାକୁ ଚାହିଁ ପ୍ରତିକ୍ରିୟାଶୀଳ ପ୍ରାଣ ଗାଇ ଉଠିଛି–

''ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି
ଜାଳିପୋଡି ଦେବାକୁ ଧସାଇ ।''(ବାଜି ରାଉତ)

ଅତୀତର ବାରୋଟି ଫାଲ୍‌ଗୁନ ନିଆଁରେ ଶୁଷ୍କ ତୃଣଭଳି ଜଳିପୋଡି ଯିବାବେଳେ କବିଙ୍କର ନିଦ୍ରାଭଙ୍ଗ ଘଟିଛି। ମନରେ ଆଶଙ୍କା ବା ଭୟ ନାହିଁ । ପରିସ୍ଥିତିକୁ ଦୃଢଭାବରେ ସମ୍ଭାଳି ନେବାକୁ ସେ ଆଗେଇ ଆସିଛନ୍ତି । ପୁଣି ଦିନେ ବସନ୍ତର ଚିର ଅଭ୍ୟୁଦୟ ଘଟିବ ବୋଲି ସେ ଆଶା ବାନ୍ଧିଛନ୍ତି । ବାସ୍ତବିକ ବାଜିରାଉତ ଏକ ଅଗ୍ନିସ୍ଫୁଲିଙ୍ଗ । ଝୋଟରେ ନିଆଁ ଲଗାଇଦେବାର ଅନୁଭବ । ବିଦ୍ରୋହର ଚୂଡାନ୍ତ ଅଭିବ୍ୟକ୍ତି ।

ପ୍ରଗତିଶୀଳ କାବ୍ୟଚେତନା ପ୍ରଳୟଙ୍କରୀ ବିଶ୍ୱଯୁଦ୍ଧରେ ଆହତ ଓ କ୍ଷତବିକ୍ଷତ ହୋଇଥିଲେ ମଧ୍ୟ 'ପାଣ୍ଡୁଲିପି'ର ଅଧିକାଂଶ କବିତାରେ ଏହି ବିପ୍ଳବୀ ସମାଜବାଦୀ ଚିନ୍ତନକୁ ବେଶ୍ ଅନୁଭବୀ ହୁଏ । ଯୁଦ୍ଧ ପରବର୍ତ୍ତୀ ଆହତ ମଣିଷ ଓ ତା'ର ପୁନଶ୍ଚ ବଞ୍ଚିବା ପାଇଁ ଅବିରତ ସଂଗ୍ରାମର ଚିତ୍ର ସହିତ ମଣିଷ ପ୍ରତି ଶ୍ରଦ୍ଧା, ସହାନୁଭୂତି ତଥା ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଆତୁରଭାବ ବେଶ୍ କଳାକୁଶଳତାର ସହିତ ଏଥିରେ ପ୍ରକଟିତ । ଅଧ୍ୟାପକ ଚିନ୍ତାମଣି ବେହେରାଙ୍କ ଭାଷାରେ ''ଆଧୁନିକ ଜୀବନର ସମସ୍ତ ଦ୍ୱନ୍ଦ୍ୱ, ସଂଘର୍ଷ, ଜଟିଳତା ଓ ବିଫଳତା ରାଉତରାୟଙ୍କ ଶିଳ୍ପରେ ରୂପାୟିତ ହେବା ସଙ୍ଗେ ସଙ୍ଗେ ତାଙ୍କ ସୃଷ୍ଟି ଅନ୍ତରାଳରେ ରହିଛି ଏକ ପ୍ରଚ୍ଛନ୍ନ ଶିଳ୍ପୀ, ଯେ କି ମଣିଷର ଦୁଃଖ ବିପାକପ୍ରତି ସମ୍ବେଦନଶୀଳ ହେବା ସଙ୍ଗେ ସଙ୍ଗେ ତାକୁ ମୁକ୍ତ ଓ ସ୍ୱାଧୀନ କରିବା ପାଇଁ ସମ୍ପୂର୍ଣ୍ଣ ସଂଗ୍ରାମରତ ।'' ବାସ୍ତବିକ ଅବହେଳିତ ନିଷ୍ପେସିତ ମଣିଷ ପ୍ରାଣର ହାହୁତାଶ ଓ ଆଖିର ଅଶ୍ରୁରେ ବ୍ୟଥାହତ ହୋଇଉଠିଛି କବିପ୍ରାଣ । ବିଶେଷତଃ, ଯୁଦ୍ଧ ପରବର୍ତ୍ତୀ ମଣିଷର ଜୀବନଯାତ୍ରା ବ୍ୟାହତ ହୋଇଛି । ଜୀବନର ସବୁ ସ୍ୱପ୍ନ ଓ ସମ୍ଭାବନାକୁ ସତେ ଯେମିତି ଯୁଦ୍ଧର କ୍ରୁର ହସ୍ତ ପୋଛିନେଇଛି । ପ୍ରତିମା ନାୟକ ବିପର୍ଯ୍ୟସ୍ତ ସମୟର ଶରବ୍ୟ ହୋଇଛି । କ୍ଷୀଣ, ଦୁର୍ବଳ ଦେହ, ମଳିନ ରୂପ, ମୁହଁରେ ଖାକି ହସ ନେଇ ସେ ଆତଯାତ ହୋଇଛି । ଅସରନ୍ତି ଦୁଃଖ ଓ ନିର୍ଯାତନାର କେନ୍ଦ୍ରବିନ୍ଦୁ ପ୍ରତିମା ନାୟକ ଆଉ ବ୍ୟକ୍ତିବିଶେଷ ହୋଇ ରହିନାହିଁ । ଗୋଟିଏ ବିପନ୍ନ ସମାଜର ସେ ପ୍ରତିନିଧିତ୍ୱ କରିଛି।

କାବ୍ୟପୁରୁଷ ଅନ୍ତରଙ୍ଗଭାବେ ଭଲ ପାଇଛି ସୃଷ୍ଟିକୁ । ସେଥିପାଇଁ ଭ୍ରଷ୍ଟାଚାର, ଭଣ୍ଡତା ଓ ଦୁର୍ନୀତିଗ୍ରସ୍ତ ସମାଜକୁ ସନ୍ଦର୍ଶନ କରି ସେ ବ୍ୟଥିତ ହୋଇଛି । ଯେଉଁ ସମାଜରେ ପୁଞ୍ଜିପତି ତା'ର ପୁଞ୍ଜି ବଢାଇଚାଲେ, ଗରିବର ରକ୍ତ ଶୋଷଣ କରି ତୃପ୍ତିରେ ନିଦ୍ରାଯାଇପାରେ, ସେହି ଘୁଣଖିଆ ସମାଜ ସୃଷ୍ଟିରେ ସୌନ୍ଦର୍ଯ୍ୟକୁ ପ୍ରକଟିତ କରିବାକୁ ଅକ୍ଷମ । ମଣିଷ ଅକାଳରେ ଯେଉଁଠି ପୋକମାଛି ପରି ମୃତ୍ୟୁବରଣ କରେ, ତା'ର ଚିତାଭସ୍ମରେ ପୃଥିବୀ ଯେତେବେଳେ ବିବର୍ଣ୍ଣ, ସେତେବେଳେ ସେ ମାଟିରେ ସତେଜ ସୁନ୍ଦର ପୁଷ୍ପ ଫୁଟିପାରେ ନାହିଁ । ଶୀତଋତୁ ମଧ୍ୟ ନିଘୋଡ ନିଦରେ ଶୋଇଯାଏ । ଏପରି ସୃଷ୍ଟିତ କବିଙ୍କର କାମ୍ୟ ନୁହେଁ। କାବ୍ୟପୁରୁଷ ବ୍ୟସ୍ତବିବ୍ରତ। ସମସ୍ୟା ଘେରରେ ବନ୍ଦୀ ହୋଇ ସେ ଅଣନିଃଶ୍ୱାସୀ । କ'ଣ ହୋଇପାରେ ତେବେ ଏ ସମସ୍ୟା ସମାଧାନର ପନ୍ଥା ? ଅବଚେତନ ଓ ଅଚେତନସ୍ତରରେ ଘୋର ଆଲୋଡନ । ଖୋଜି ଖୋଜି କାବ୍ୟପୁରୁଷ ପାଇଛି ସମସ୍ୟା ସାମାଧାନର ସୂତ୍ର । ବ୍ୟଥା, ଅଶ୍ରୁ, ଯନ୍ତ୍ରଣା, ହାହାକାର ଓ ସ୍ୱପ୍ନରେ ଉବୁଟୁବୁ ହୋଇ ଦିଗହଜା ହେଲାବେଳେ ଶତସୂର୍ଯ୍ୟର ରଶ୍ମି ନେଇ ସାମ୍ନାରେ ଉଭାହୋଇଛନ୍ତି ଧ୍ୱଂସ ଓ ସୃଷ୍ଟି । ବାସ୍ତବତାର ମୁହାଁମୁହିଁ ହୋଇ ନିଜ ଅଧିକାର ସାବ୍ୟସ୍ତ କରି ଏକ ସୁନ୍ଦର ପୃଥିବୀ ସୃଷ୍ଟି କରିବାକୁ ସେ ଆଗେଇ ଆସିଛି । ସେଥିପାଇଁ ସେ ପ୍ରଳୟ ଚାହିଁଛି । ତେଣୁ ଗାଇଛି– ''ଧ୍ୱଂସର କଥା କହ/ ସୃଷ୍ଟିର ଛବି ଦେଖି ଦେଖି ବହୁ ହେଲାଣି ଦୁର୍ବିସହ ।''

ଧ୍ୱଂସ ପାଇଁ ଝଡ଼ ଆସିଛି । କାବ୍ୟପୁରୁଷ ସବୁଦ୍ୱାର ଖୋଲି ଝଡକୁ ସ୍ୱାଗତ କରିଛି । ଜୀବନଯାକର ଅର୍ଜନକୁ ସେ ଝଡ ସାମ୍ନାରେ ମେଲେଇ ରଖିଛି । ସବୁ ନଶ୍ୱରତାକୁ ସେ ବିଛେଇ ଦେଇଛି । ମନରେ ପ୍ରାଣରେ ଝଡର ଅଭିଷେକ । ସବୁ ଅନ୍ଧାର ଭିତରେ, ସବୁ ଆଲୁଅ ଭିତରେ ଝଡ ପାଇଁ ଅଭିନନ୍ଦନର ତୋରଣ । ଜୀବନର ଯେତେସବୁ ପାଇବା ନପାଇବା, ଯେତେ ଆକୁଳତା ଓ ପିପାସା ସବୁ ମୂକ ପାଲଟିଛି । ଏତେସବୁ ପରେ ଯାହା ଅକୁହା ରହିଛି, ଯାହା ଶାଶ୍ୱତ ଓ ଚିରନ୍ତନ ତା'ର ପରିଚୟ ଦେବାପାଇଁ ମଧ୍ୟ ସେ ଝଡ ସମର୍ଥ । କବିଙ୍କ ଭାଷାରେ–

''ଏଇ ଯେ ଆସୁଛି ଝଡ଼ କର ସଖୀ ତାରେ ନମସ୍କାର,
ତା' ପାଦେ ପ୍ରଣତି ବାଢେ ଗିରି, ବନ, ନଦୀ ପାରାବାର

X X X X X

ଏଇ ଝଡ ଦେଇଛି ସଖୀ ତୁମକୁ ଯେ ମୋର ପରିଚୟ,
ଭାଙ୍ଗିବାର ମନ୍ତ୍ରସାଥେ ଗଢିବାର ଭୂମିକା ଅକ୍ଷୟ ।
ମୋହରି ସ୍ୱାକ୍ଷର ତହିଁ ଆଜି ବନ୍ଧୁ ! ବାରେ ଚିହ୍ନି ନିଅ,
ଧ୍ୱଂସର ଅଙ୍କୁରୀଟିରେ ଅଙ୍ଗୁଳିରେ ଘେନ ଥରେ ପ୍ରିୟ । (ଝଡ)

କବି ସୃଷ୍ଟି ନୁହେଁ, ଧ୍ୱଂସ ଚାହିଁଛି । ଧ୍ୱଂସର ଅଙ୍ଗୁରୀୟ ପିନ୍ଧି ରାତି ପରେ ଏକ ନୂଆ ସକାଳର ସେ ପ୍ରତୀକ୍ଷା କରିଛି । କିନ୍ତୁ ପ୍ରକୃତରେ କ'ଣ ଝଡର ଶେଷ ଅଛି ? ଜୀବନର ଯେତେସବୁ ଆକୁଳତା ଓ ପିପାସା, ଯେତେସବୁ ଆଶା ଓ ନୀରବକ୍ରନ୍ଦନ ଯାହା ଯୁଗଯୁଗ ଧରି ରୁଦ୍ଧ ହୋଇଥିଲା ତାହା ଯେତେବେଳେ ଝଡର କଣ୍ଠରେ ଗୁଞ୍ଜରଣ ସୃଷ୍ଟି କରିଛି ସେତେବେଳେ ତ ସେ ଝଡର ଶେଷ ହୋଇପାରେ ନାହିଁ । କାବ୍ୟପୁରୁଷର ମନେହୋଇଛି ସତେ ଅବା ନୂଆ ସକାଳରେ ନୂଆସୂର୍ଯ୍ୟର ଉଦୟ ସୁଦୂରପରାହତ । ଏହା ଭିତରେ ମଣିଷ ପାଲଟିଯାଇଛି ପଶୁ ବା ରାକ୍ଷସ । ତା'ର ସମସ୍ତ ସୂକ୍ଷ୍ମଚେତନାର ବିଲୁପ୍ତି ଘଟିଛି । ଅହମିକା, ମିଥ୍ୟାଚାରର ପାଶବିକତାକୁ ନେଇ ମଣିଷ ଆଜି ଗର୍ବ କରୁଛି, ଛାତିଫୁଲାଇ ଚାଲିଛି । ଗୌରବ ବଦଳରେ ଆତ୍ମପ୍ରବଞ୍ଚନାକୁ ନେଇ ସେ ବଡେଇ କରୁଛି । ନିଜକୁ ସର୍ବଶକ୍ତିମାନ ଭାବୁଛି । ଏପରିକି ପ୍ରେମିକ ପାଇଁ ପ୍ରେମ ଆଜି ବଡ ନୁହେଁ, ତା ଜୀବନର ଅସଂଖ୍ୟ ତୁଚ୍ଛ ଘଟଣାଭିତରୁ ପ୍ରେମ ଆଜି ଗୋଟିଏ ସାଧାରଣ ଘଟଣା ମାତ୍ର । ପ୍ରେମିକା ତାର ହାତଗଢା କଣ୍ଢେଇ । ତେଣୁ ସେ ଗର୍ବୋଦ୍ଧତ ହୋଇ ପ୍ରକାଶ କରୁଛି–

''ତୁମେ ତ ନଥିଲ ଖାଲି ବାସ୍ତବିକ ଚିର ପରିଚିତା
ତୁମେ ଥିଲ ମୋର ଦୃଷ୍ଟି, ତୁମେ ଥିଲ ମୋର ଯେ କବିତା
ତୁମେ ଯା ନଥିଲ ବନ୍ଧୁ, ମୋ ପାଖରେ ଥିଲ ତୁମେ ତାହା
ତୁମଠାରୁ ବଡକରି ତୁମକୁ ମୁଁ ଗଢିଥିଲି ଆହା !
ତୁମେ ଥିଲ ଅମାନିଶା ଅପ୍ରକାଶ, ନିଷ୍ଠୁର କାଳିମା
ନିଜର ଆଲୋକ ଦେଇ ତୁମକୁ ମୁଁ କଲି ଯେ ପୂର୍ଣ୍ଣିମା ।''

ପ୍ରେମିକ ନକ୍ଷତ୍ର ପରି ନିଜର ଆଲୋକରେ ପ୍ରେମିକାକୁ ଆଲୋକିତ କରିବାର ଦମ୍ଭୋକ୍ତି ପ୍ରକାଶ କରୁଛି । ତା' ଭିତରେ ମଣିଷପଣିଆ ନଷ୍ଟ ହୋଇଯାଇଛି । ସେ ପଶୁତ୍ୱକୁ, ଦାନବତ୍ୱକୁ ଆଜି ଆବୋରି ନେବାକୁ ପ୍ରସ୍ତୁତ । ଆହତ, ପୀଡିତ ମାନବିକତା ମୁକ୍ତ ହେବା ପାଇଁ ଦୈତ୍ୟହେବାର ଅଧିକାର ମାଗୁଛି । ଏ ଦାନବତ୍ୱ ତା' ପାଇଁ ଏକ ସୁରକ୍ଷିତ କବଚ । ଅତୀତର ସକଳ ଯନ୍ତ୍ରଣାକୁ ଭୁଲି ଭବିଷ୍ୟତର ଜଟିଳ ପଥକୁ ସହଜ ସରଳ କରିବାର ଏକ ପାଥେୟ । କବିର ଏହି ଭାବଧାରା ପାଣ୍ଡୁଲିପିର 'ଲୋହିତ' ପର୍ଯ୍ୟାୟରେ ଅଧିକ ପ୍ରଖର ଓ ଶକ୍ତିଶାଳୀ । ଏହି ପର୍ଯ୍ୟାୟରେ କବିତା ମୁକ୍ତି ଲୋଡିଛି । ମୁକ୍ତଛନ୍ଦ ପ୍ରୟୋଗରେ କବିତା ଝରଣା ପରି ବୋହିଯାଇଛି । ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ପ୍ରଚଳିତ କାବ୍ୟରୀତିକୁ ଭାଙ୍ଗି 'ପାଣ୍ଡୁଲିପି' ଏକ ନୂତନ ପରିବର୍ତ୍ତିତ ଯୁଗଚେତନାର ଦିଗ ନିର୍ଦ୍ଧାରଣ କରିଛି । ଉପମା ଓ ଚିତ୍ରକଳ୍ପ ପ୍ରୟୋଗରେ ତଥା ଜୀବନ ପ୍ରତି ଏକ ତୀର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ ପରିପ୍ରକାଶରେ କବି ରାଉତରାୟଙ୍କ କାବ୍ୟଦୃଷ୍ଟି କବିତାର ଗତି ପରିବର୍ତ୍ତନ କରିବାରେ ସମର୍ଥ ହୋଇଛି ।

ରୋମାଣ୍ଟିକ୍ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଉପରେ ପର୍ଯ୍ୟବସିତ 'ଭାନୁମତୀର ଦେଶ' ଚେତନାର ଏକ ଅନାବିଷ୍କୃତ ଦ୍ୱୀପ, ଯାହାକୁ ଭଲପାଇ ହୁଏ ଅଥଚ ଆପଣାର କରିହୁଏ ନାହିଁ । ସହର ଓ ପଲ୍ଲୀ ଜୀବନର ସଂଘର୍ଷ ହିଁ ଏହାର ମୁଖ୍ୟ କାବ୍ୟସ୍ୱର । ବିନତା ଆଧୁନିକ ନଗର ସଭ୍ୟତାରେ ପରିବର୍ଦ୍ଧିତ ଏକ ଚେତନା । ଲୁହା, ସିମେଣ୍ଟ ଓ କଂକ୍ରିଟ୍‌ର ଛାତ ଭିତରେ ଯାହାର ଦୃଷ୍ଟି ସୀମିତ । ତରଙ୍ଗ ନିପଟ ପଲ୍ଲୀର ପ୍ରତିନିଧି । ପ୍ରାକୃତିକ ପରିବେଶ ଭିତରେ ତାର ଜନ୍ମ ଓ ଆତଯାତ । ଆଖିରେ ତା'ର ଅସରନ୍ତି ସ୍ୱପ୍ନ, ପ୍ରାଣରେ ମାଟି ଓ ଆକାଶର ନିବିଡ ଆକର୍ଷଣ । ଦୁହିଁଙ୍କର ପରିବେଶ ଭିନ୍ନ, ଜୀବନଧାରା ଭିନ୍ନ । ବିନତା, ତରଙ୍ଗର ଗାଁରେ ନୂତନ ସୂର୍ଯ୍ୟୋଦୟ ଦେଖିଛି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ ମୁକ୍ତ ବାୟୁରେ ନିଃଶ୍ୱାସ ମାରିଛି । ତାର ମନେହୋଇଛି ଏକ ବୋଧହୁଏ ମୁକ୍ତି । କିନ୍ତୁ ବିନତା ପାଇଁ ପ୍ରକୃତରେ ତାହା କ'ଣ ମୁକ୍ତି ? ନା ତା ହୋଇପାରେନା, ତାହା ସାମୟିକ ଉଶ୍ୱାସ ହୋଇପାରେ, ମାତ୍ର ଚିରନ୍ତନ ମୁକ୍ତି ନୁହେଁ । ଏକ ସନ୍ଧି ସ୍ଥଳରେ ଉପନୀତ ବିନତା । ସହର ଓ ପଲ୍ଲୀ ମୁହାଁ ମୁହିଁ ହୋଇ ଛିଡା ହୁଅନ୍ତି ତା ସାମ୍ନାରେ । ସେ ବୁଝିପାରେନା କିଛି । ରହସ୍ୟ ଘେରରେ ବନ୍ଦୀ ହୋଇଯାଏ ବିନତା । ତା ମନରେ ଅସଂଖ୍ୟ ପ୍ରଶ୍ନ–

''ବନିତା କହିଲା, ''ତରଙ୍ଗ
ଏଇ ବୋଧେ ଅସ୍ତସୂର୍ଯ୍ୟର ଦେଶ
ଏଇଠି ବୋଧେ ସାରାଦିନର କ୍ଳାନ୍ତି ହୋଇଯାଏ ଶେଷ ?''

କବି ଜାଣନ୍ତି ଦୁଇଜଣଙ୍କ ମଧ୍ୟରେ ପ୍ରେମ ପ୍ରଣୟ ଥିଲେ ବି ଜୀବନବ୍ୟାପୀ ଏକ ବୁଝାମଣା ସମ୍ପର୍କ ଅସମ୍ଭବ । ତରଙ୍ଗ ବି ଜାଣେ ବିନତା ଭାନୁମତୀର ଦେଶରେ ସବୁଦିନ ପାଇଁ ରହିପାରିବ ନାହିଁ । ତରଙ୍ଗ ମଧ ତାହା ଚାହେଁନାହିଁ । ତା ପାଇଁ ବିନତା ଗୋଟିଏ ସୁମଧୁର ସ୍ୱପ୍ନ । ତା ବଇଁଶୀର ଗୋଟିଏ ମଧୁର ମୂର୍ଚ୍ଛନା । ତରଙ୍ଗ ସେହି ସ୍ୱପ୍ନକୁ, ସେହି ସ୍ୱରର ସୁଖସ୍ମୃତିକୁ ସମଗ୍ର ଜୀବନ ଧରି ରଖିବାକୁ ଚାହିଁଛି । ସେଥିପାଇଁ ବିନତାକୁ କହିଛି–

''ମେଲାଇ ଡେଣା ପାରିବ ବୁଲି ଆକାଶେ ମୋ ଥରେ
ଶୂନ୍ୟତାକୁ ପାରିବ ତାର ଭରି ?
ଉଡିଯିବାର, ଭାସିଯିବାର, ଚାଲିଯିବାର
ମଧୁର କଳରୋଳେ ?''

ପ୍ରେମ ଯଦି ସତ୍ୟ, ପ୍ରେମ ଯଦି ବାସ୍ତବ, ତେବେ ପ୍ରେମର ବନ୍ଧନ ଓ ଅବାସ୍ତବ ନୁହେଁ । ସେହି ବନ୍ଧନରୁ ମୁକ୍ତି କାହିଁ ? ପ୍ରେମ ମଣିଷକୁ ବନ୍ଧନମୁକ୍ତ କରି ଉତ୍ତରଣମୁଖୀ କରେ– ଏ କଥା ବୁଝିଥିଲେ ବିନତା ଓ ତରଙ୍ଗ । ସେଥିପାଇଁ ନିବିଡ ପ୍ରେମ ପ୍ରଣୟ ସତ୍ତ୍ୱେ ମଧ୍ୟ ସେମାନେ ବନ୍ଧନରେ ବାନ୍ଧିହୋଇ ଏକତ୍ର ରହିବାକୁ ଚାହିଁନାହାଁନ୍ତି । ସହର ଜୀବନର ନୂତନ ମୂଲ୍ୟବୋଧର ପ୍ଲାବନରେ ଧୋଇହୋଇ ଯାଉଥିବା ପଲ୍ଲୀର ପୁରାତନ ମୂଲ୍ୟବୋଧକୁ କବି ରୋମାଣ୍ଟିକ୍ ତଥା ବାସ୍ତବବାଦୀ ପୃଷ୍ଠଭୂମି ଉପରେ କଳାତ୍ମକ ଭାବେ ଉପସ୍ଥାପନ କରିଛନ୍ତି । ଚେତନାର ମହାକାବ୍ୟ ଭାନୁମତୀର ଦେଶରେ କବି ବାକ୍‌ଶୈଳୀକୁ ଯେଉଁଭଳି ଭାବେ କାବ୍ୟଶୈଳୀରେ ଉପସ୍ଥାପିତ କରିଛନ୍ତି ତାହା ବାସ୍ତବିକ ଅନନ୍ୟ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ କବି ଆତ୍ମା ସଂକଟ ଓ ନୈରାଶ୍ୟର ସମ୍ମୁଖୀନ । ସମାଜ ଓ ରାଜନୈତିକ ଜୀବନର ଅଧୋଗତିରେ କାବ୍ୟପୁରୁଷର ସ୍ୱପ୍ନଭଙ୍ଗ ଘଟିଛି । ସେ ମର୍ମେ ମର୍ମେ ଅନୁଭବ କରିଛି– ଆଉ କାହାରିକୁ କିଛି କହିବାର ନାହିଁ । ସେଥିପାଇଁ ତା'ର ବିଦ୍ରୋହର ସ୍ୱର ଧୀରେ ଧୀରେ କ୍ଷୀଣ ହୋଇଯାଇଛି । ସେ ଆତ୍ମମଗ୍ନ ହୋଇଛି । ନିଜ ସହିତ ନିଜେ ଆଳାପ କରିଛି । ଛାୟା ଓ ପ୍ରତିଧ୍ୱନି ମଧ୍ୟରେ କବି ଚିତ୍ତ ଘୂରିବୁଲୁଛି । ଦେହ ଓ ତାର ପ୍ରତିବିମ୍ବ ଭଳି ଦ୍ୱୈତସତ୍ତାର ଆଳାପ ମଧ୍ୟରେ 'ସ୍ୱଗତ' ଉଦ୍‌କୀର୍ଣ୍ଣ । କବିଙ୍କ ଭାଷାରେ–

''ସେ ଘରର ବିରାଟ ଦର୍ପଣେ ଦେଖିଲି ମୁଁ ଦୁଇ ପ୍ରତିବିମ୍ବ
ଶେଷ ଓ ଆରମ୍ଭ, ଆରମ୍ଭ ଓ ଶେଷ
ଚିରନ୍ତନ ପାଖେ ପାଖେ ଢଳଢଳ ଗୋଟାଏ ନିମେଷ ।''

ଜୀବନକୁ ନିବିଡଭାବେ ଭଲପାଇ ପୁନଶ୍ଚ ଦୂରେଇଯିବା ଭାବର ରାଗରଞ୍ଜିତରୂପ ହିଁ ଏଥିରେ ପ୍ରକଟିତ । ସାମ୍ୟବାଦୀ ଚିନ୍ତାଧାରାର ବିପ୍ଳବାତ୍ମକ ସ୍ୱର ଏଠି ଆଉ ବିଶେଷଭାବେ ଶୁଭେ ନାହିଁ । ଦୁଇଦୁଇଟି ମହାଯୁଦ୍ଧର ଆତଙ୍କ, ନୈରାଶ୍ୟ, ବ୍ୟର୍ଥତା ବୋଧହୁଏ ସେହି ବିପ୍ଳବୀ କାବ୍ୟପୁରୁଷକୁ ଶକ୍ତିଶୂନ୍ୟ କରିପକାଇଛି । ମାନସିକ ସଙ୍କଟ ଭିତରେ ହୁଏତ କାବ୍ୟସ୍ୱର କ୍ଷୀଣ ଓ ଖଣ୍ଡିତ ଶୁଭିଛି ।

ଧୂଳିମାଟିର ମୋହ ତୁଟାଇ ଦୁନିଆଁର ଡହଡହ ବାସ୍ତବତାକୁ ସାମ୍ନା କରିବାର ସାମର୍ଥ୍ୟ ହରାଇ କାବ୍ୟପୁରୁଷ ପୁଣି ସ୍ୱପ୍ନ ଦେଖିବା ଆରମ୍ଭ କରିଛି 'କବିତା ୧୯୬୨'ରେ । ପ୍ରେମ ଓ ପ୍ରଣୟଜନିତ ରୋମାଣ୍ଟିକ୍ ଚେତନା ସହିତ ବାସ୍ତବବାଦୀ ଚେତନାର ସମନ୍ୱୟରେ କବିତାଗୁଡିକ ଚୈତନ୍ୟୋଦୀପ୍ତ ଓ ଭାରାକ୍ରାନ୍ତ । ବିଭିନ୍ନ ବାଦ, ଛନ୍ଦ ପ୍ରୟୋଗ, ନୂତନ ଉପମା, ଚିତ୍ରକଳ୍ପ ଆଦିର ପରୀକ୍ଷା ନିରୀକ୍ଷା ଭିତରେ ଅନେକ କବିତା ଜଟିଳ ଓ ଦୁର୍ଭେଦ୍ୟ ହୋଇଥିବା ହେତୁ ପାଠକ ସେଗୁଡିକ ସହିତ ସହଜରେ ଯୋଗସୂତ୍ର ସ୍ଥାପନ କରିପାରେନାହିଁ । ଏହି ପର୍ଯ୍ୟାୟରେ କବି କବିତାର ଆତ୍ମାର ସୌନ୍ଦର୍ଯ୍ୟ ଅପେକ୍ଷା ଅଙ୍ଗସଜ୍ଜା ପ୍ରତି ଅଧିକ ସଚେତନ ହୋଇଥିବା ଲକ୍ଷ୍ୟ କରାଯାଏ । ବିଷୟବସ୍ତୁରେ ବୌଦ୍ଧିକତାର ପ୍ରୟୋଗ, କବିତାରେ ମଣିଷ ଜୀବନର ଅର୍ଥ ବା ବୈଶିଷ୍ଟ୍ୟର ଅନୁସନ୍ଧାନ, ସସୀମ ଭିତରେ ଅସୀମ ଓ କ୍ଷଣିକ ଭିତରେ ଶାଶ୍ୱତର ଛବି ଅଙ୍କନ କରିବାକୁ କବି ତତ୍ପର । ସୁତରାଂ ଶବ୍ଦର ଗାମ୍ଭୀର୍ଯ୍ୟ ମଧ୍ୟରେ କବିତାର କୋମଳ ସ୍ୱର ବା ଭାବଟି ଅସହାୟଭାବେ ପୋତିହୋଇ ପଡେ । କବିତାର କଳକଳ, ଛଳଛଳ ଭାବଟି କ୍ରମେ ଲୁପ୍ତ ହୋଇଯାଏ । ଅପ୍ରଚଳିତ ଶବ୍ଦ ଓ ରୂପକମାଳାରେ କବିତା ଓଜନିଆ ହୋଇଉଠେ । ସେ ଆଉ ସଫେଦ ଉତ୍ତରୀ ବା ସ୍ୱାଧୀନ ନିଶାଣ ପରି ପବନରେ ଏଣେତେଣେ ଉଡିପାରେ ନାହିଁ । କବିତା ଶୈଳୀ ସର୍ବସ୍ୱ ହୋଇଯାଏ । ସମ୍ପୂର୍ଣ୍ଣ ଗଦ୍ୟରୀତିରେ ପ୍ରବର୍ତ୍ତନ ଅତ୍ୟଧିକ ମିଥ୍ର ପ୍ରୟୋଗ ମଧ୍ୟ ପାଠକକୁ ହତାଶ କରେ । ସମୁଦ୍ର ଗଭୀରତମ ପ୍ରଦେଶରେ ବୁଡି ମୁକ୍ତା ଆହରଣ କରିବା ଯେମିତି ସବୁ ବୁଡାଳି ପକ୍ଷେ ସମ୍ଭବ ନୁହେଁ, ଠିକ୍ ସେହିପରି କବିତାର ଗହୀରକୁ ଯାଇଁ କାବ୍ୟରସ ଆହରଣ କରିବା ପ୍ରତ୍ୟେକ ପାଠକ ପକ୍ଷେ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଉଠିଛି । ସେଥିପାଇଁ ପାଠକ ନିମିତ୍ତ ଅଧିକାଂଶ କବିତା ଅନାକର୍ଷଣୀୟ ହୋଇପଡିଛି ।

ଆଧୁନିକ ଯୁଗର ନାନା ବିପର୍ଯ୍ୟୟ ଓ ଅବକ୍ଷୟଜନିତ ସଙ୍କଟବୋଧରେ କବିସତ୍ତା ମ୍ରିୟମାଣ ତଥା ଭାରାକ୍ରାନ୍ତ ହୋଇପଡିବା ହେତୁ କାବ୍ୟପୁରୁଷ ଆତ୍ମମଗ୍ନ ହୋଇଛି । ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀର ଅଭାବ ହେତୁ କାବ୍ୟସ୍ୱର ଶିଥିଳ ଓ ଅସ୍ପଷ୍ଟ ଶୁଭିଛି । ଅବଶ୍ୟ ବସନ୍ତର ନିଛକ ଜିଲ୍ଲାରେ 'ମତ୍ସ୍ୟଗନ୍ଧା', 'ଏକ ଫାଲ୍‌ଗୁନ୍' ଆଦି କବିତାରେ ରୋମାଣ୍ଟିକ୍ ଭାବତରଙ୍ଗ ଉଚ୍ଛୁଳି ଉଠିବା ଲକ୍ଷ୍ୟ କରାଯାଏ, ଯେପରି–

''ବସନ୍ତ ଆସେ ଯେ ଠେଲି
ଧକ୍କା ଖାଇ କୁକୁଡାର ଦେହେ
ଭାଙ୍ଗି ବହୁ ମହୁର ସୋରେଇ
ମାଟିରେ ଗଡାଇ ଅବା ଫୁଲବଣ ସଞ୍ଜେ ।''
(ବସନ୍ତର ନିଛକ ଜିଲ୍ଲାରେ)

ଅଥବା

'' କେବେ ଧରି ଜାଲେ ମାଛ ହସିହସି ଫେରେ ସେ ନଈରୁ
ମାଛର ଆଖିରେ ତାର ଆଖିଏ ବିଜୁଳି, ବର୍ଷାଝରେ କେଶକଳାପରୁ
ସ୍ତନାଗ୍ରରେ ଜଳବିନ୍ଦୁ ଟୋଲ୍‌ପଡେ ଚକ୍‌ଚକ୍ ଗାଲେ
ହସିଲା ଓଠରେ ତାର ଜହ୍ନଉଠା ରଙ୍ଗ
ଫୁଲ ଫୁଟାବେଳେ ତା ଦେହରେ

ହସି ହସି କହେ ଖାଲି ଗୋଟିଏ ସେ କଥା
ମାଛ ନବ ମାଛ ?
ମାଛର ଆଖିରେ ତା'ର ଖାଲି ପଚାରିବା
ହରରଙ୍ଗୀ ପ୍ରଶ୍ନର ପାହାଚ ।'' (ମତ୍ସ୍ୟଗନ୍ଧା)

ଉପରୋକ୍ତ ପଂକ୍ତି ସମୂହରୁ କବିଙ୍କର ଶକ୍ତିଶାଳୀ ଆବେଗପ୍ରବଣତା ଓ ରୋମାଣ୍ଟିକ୍ ଚେତନାର ପରିଚୟ ମିଳେ ।

୧୯୬୨ ପରେ କବି ରାଉତରାୟଙ୍କ କାବ୍ୟସମୂହ କୌଣସି ଏକ ନିର୍ଦ୍ଦିଷ୍ଟ ମନନଶୀଳତା, ଭାବଭାବନା ବା ଦୃଷ୍ଟିଭଙ୍ଗୀ ଉପରେ ପର୍ଯ୍ୟବସିତ ହୋଇଥିବା ଲକ୍ଷ୍ୟକରି ହୁଏନାହିଁ । 'ବାଜିରାଉତ' ଓ 'ପାଣ୍ଡୁଲିପି' ପରେ କବିତା ୧୯୬୯, କବିତା ୧୯୭୧, କବିତା ୧୯୭୪, କବିତା ୧୯୮୩, କବିତା ୧୯୮୭ ଆଦିରେ ବିପ୍ଳବଧର୍ମୀ ଚିନ୍ତାଧାରା ପୁନଃ ପ୍ରକଟିତ ହୋଇଥିଲେ ମଧ୍ୟ ଏ ସ୍ୱର ପୂର୍ବପରି ଏତେ ତୀବ୍ର ବା ଶକ୍ତିଶାଳୀ ନୁହେଁ । କୂଅ ଭିତରୁ ନିର୍ଗତ ସ୍ୱର ପରି ଏହା ଅସ୍ପଷ୍ଟ ଓ କ୍ଷୀଣ । ଏହା ବ୍ୟତୀତ ରୋମାଣ୍ଟିକ୍ ଚେତନା, ବାସ୍ତବଧର୍ମୀ ଚେତନା, ଆଧିଭୌତିକ ଚେତନା ଏହି ସମୟର କବିତାରେ ଛତ୍ରେ ଛତ୍ରେ ଉପଲବ୍ଧ । ଅବଶ୍ୟ ୧୯୭୧ କବିତା ସଂକଳନସ୍ଥିତ ରୋସ୍‌ନାରା, ମୁଜିବୁର ରହମନ, ୟାହିୟା ଖାଁ ପରି କେତୋଟି କବିତାରେ ସତ୍ୟ, ଧର୍ମ, ନ୍ୟାୟ ଓ ମୁକତିର ମନ୍ତ୍ର ଉଚ୍ଚାରିତ । ମଣିଷ ଆତ୍ମାର ବ୍ୟଥା ଓ ବେଦନାରୁ ସମ୍ଭୂତ ଏହି କେତୋଟି କବିତାରେ ସାମାଜିକ ସାମ୍ୟର ପ୍ରତିଷ୍ଠା ପାଇଁ ଯେଉଁ ଆକୂତି ରହିଛି ତାହା ପାଠକକୁ ବିସ୍ମିତ କରେ । ସମସାମୟିକ ଭାବସ୍ପନ୍ଦନ ବ୍ୟତିରେକେ ଏସବୁ କବିତାରେ କବି ନିଖିଳ ବିଶ୍ୱରେ ଶାଶ୍ୱତ ଆଦର୍ଶର ପ୍ରତିଷ୍ଠା ପାଇଁ ଚେଷ୍ଟିତ । ବିନ୍ଦୁରୁ ବଳୟ ଆଡକୁ ଲମ୍ବିଯାଇଛି କାବ୍ୟପୁରୁଷର ଦୃଷ୍ଟିଭଙ୍ଗୀ ।

ମଣିଷ ଜୀବନ ଅସଂଖ୍ୟ ମୁହୂର୍ତ୍ତର ସମଷ୍ଟି । ମୁହୂର୍ତ୍ତସର୍ବସ୍ୱ ଜୀବନ ଉପରେ ଆଧାରିତ ତାଙ୍କର କାବ୍ୟସ୍ୱର । କାବ୍ୟପୁରୁଷ କେତେବେଳେ ବିପ୍ଳବୀ ତ କେତେବେଳେ ଗୈରିକବସନଧାରୀ ସନ୍ନ୍ୟାସୀ । କେତେବେଳେ ସେ ତ୍ୟାଗୀ ତ କେତେବେଳେ ସେ ଭୋଗୀ । ପୁଣି କେତେବେଳେ ସେ ସୁକୁମାର ପ୍ରେମିକ ପୁରୁଷ ତ କେତେବେଳେ ମାୟାମୋହର ଘେରେ ବନ୍ଦୀ ସଂସାରୀ । ଆହୁରି କେତେବେଳେ ସେ ଭାଗ୍ୟ ଭଗବାନଙ୍କୁ ଅସ୍ୱୀକାର କରୁଛି ତ କେତେବେଳେ ସ୍ୱପ୍ନର ପରିଧି ଡେଇଁ ଜୀବନର ବୃହତ୍ତର ସତ୍ୟକୁ ଉଦ୍‌ଘାଟନ କରିବାକୁ ଉର୍ଦ୍ଧ୍ୱମୁଖୀ ହୋଇଛି । ସୁତରାଂ ବିବିଧ ରାଗରଞ୍ଜିତ ସେ ସ୍ୱର । ଦ୍ୱୈତସତ୍ତାର ଅଧିକାରୀ ହୋଇଥିବା ହେତୁ ତାଙ୍କ କାବ୍ୟମାନସକୁ ସମ୍ପୂର୍ଣ୍ଣ ଉଦ୍‌ଘାଟନ କରିବା ସହଜସାଧ୍ୟ ନୁହେଁ । ତାଙ୍କରି ଭାଷାରେ କହିଲେ–

''କେଉଁଠି ବା ଆଦିବିନ୍ଦୁ, କେନ୍ଦ୍ରକାଇଁ କେଉଁଠି ଆରମ୍ଭ
ଅନନ୍ତ ଜୀବନବୃତ୍ତେ କ୍ୱଳମାନ ସୂର୍ଯ୍ୟାସ୍ତର ସ୍ତମ୍ଭ ।''

ବାସ୍ତବିକ କବି ରାଉତରାୟଙ୍କ କାବ୍ୟମାନସର ଆଦି ଅନ୍ତ ନିରୂପଣ କରିବା ଗବେଷଣାସାପେକ୍ଷ । ଆକାଶର ବ୍ୟାପ୍ତି ଓ ସମୁଦ୍ରର ଗଭୀରତା ନେଇ ଏହା ପ୍ରକଟିତ । ଆକାଶକୁ ନିରୀକ୍ଷଣ କରି ସେହି ସମୁଦ୍ରରେ ଲହଡି ଭାଙ୍ଗିବାକୁ କାବ୍ୟାମୋଦୀ ପାଠକ ଏବେ ବି ଉତ୍ସୁକ ।

ପ୍ରାଧ୍ୟାପିକା, ଓଡ଼ିଆ ବିଭାଗ,
ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ-୧

❖ ❖ ❖